ଧରିତ୍ରୀ 50 Years

ଭୁବନେଶ୍ୱର, ଶନିବାର,
୨୭ ଜୁଲାଇ, ୨୦୨୪

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗୁରୁପୂର୍ଣ୍ଣିମା ଉତ୍ସବ



ଗୁରୁପୂର୍ଣ୍ଣିମା ଅବସରରେ ଅନୁଷ୍ଠିତ ଉତ୍ସବରେ ଉପସ୍ଥିତ ଅତିଥି ।

କୋରାପୁଟ,୨୬।୭(ଅମିତାଭ ବେହେରା)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗ ପକ୍ଷରୁ ମହର୍ଷି ବେଦବ୍ୟାସଙ୍କ ସମ୍ମାନରେ ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି । ପୌରାଣିକ ବିଶ୍ୱାସ ଅନୁସାରେ ଗୁରୁପୂର୍ଣ୍ଣିମା ମହାଭାରତର ବେଦ ବ୍ୟାସଙ୍କ ଜନ୍ମଦିନ। ମହର୍ଷି ବେଦବ୍ୟାସ ଏହିଦିନ ୪ଟି ବେଦ ରଚନା କରିଥିଲେ। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ ରେଜିଷ୍ଟ୍ରାର ତଥା ସଂସ୍କୃତ ବିଭାଗ ମୁଖ୍ୟ ପ୍ରଫେସର ଏନ୍.ସି. ପଣ୍ଡା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ମହାଭାରତ, ଗୀତା ଓ ରାମାୟଣ ପ୍ରସଙ୍ଗ ସହ ଗୁରୁ-ଛାତ୍ର ସମ୍ପର୍କର ଐତିହାସିକ ମହତ୍ତ୍ୱ ଉପରେ ପଣ୍ଡା ଆଲୋକପାତ କରିଥିଲେ। ଏହି ଉତ୍ସବରେ ଇଂରାଜୀ ଓ ହିନ୍ଦୀ ବିଭାଗର ଅଧ୍ୟାପକଙ୍କ ସମେତ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନେ ସଂସ୍କୃତ ଭାଷାରେ ନିଜ ଜୀବନରେ ଗୁରୁଙ୍କ ମହତ୍ତ୍ୱ ବିଷୟରେ ମତ ରଖିଥିଲେ। ସଂସ୍କୃତ ଶିକ୍ଷକ ଡ. ସଞ୍ଜୀବ ସରକାର ଧନ୍ୟବାଦ ଦେଇଥିବା ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ କହିଛନ୍ତି।